# ପ୍ରତିଭାଙ୍କୁ ପଦ୍ମଭୂଷଣ, ପ୍ରମୋଦଙ୍କୁ ପଦ୍ମଶ୍ରୀ

■ ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ୨୦୨୨ ପ୍ରଦାନ
■ ୬୪ ଜଣଙ୍କୁ ସମ୍ମାନିତ କଲେ ରାଷ୍ଟ୍ରପତି

ଭୁବନେଶ୍ୱର, ୨୮ା୩(ବ୍ୟୁରୋ)

ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଦୁଇ ଓଡ଼ିଆଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ମର୍ଯ୍ୟାଦାଜନକ ପଦ୍ମ ପୁରସ୍କାରରେ ସମ୍ମାନିତ କରିଛନ୍ତି। ସାହିତ୍ୟ ଓ ଶିକ୍ଷା କ୍ଷେତ୍ରରେ ବିଶିଷ୍ଟ ଲେଖିକା ତଥା ଔପନ୍ୟାସିକା ପ୍ରତିଭା ରାୟଙ୍କୁ ପଦ୍ମଭୂଷଣ ଓ କ୍ରୀଡ଼ା କ୍ଷେତ୍ରରେ ପାରା ଆଥ୍ଲେଟ୍ ପ୍ରମୋଦ ଭଗତଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି। ସୋମବାର ରାଷ୍ଟ୍ରପତି ଭବନ ଦରବାର ହଲରେ ଅନୁଷ୍ଠିତ ୨୦୨୨ର ଦ୍ୱିତୀୟ ପର୍ଯ୍ୟାୟ ପଦ୍ମ ପୁରସ୍କାର ବିତରଣ ଉତ୍ସବରେ ରାଷ୍ଟ୍ରପତି କୋବିନ୍ଦ ଏହି ଦୁଇ ଓଡ଼ିଆଙ୍କ ସମେତ ମୋଟ୍ ୬୪ ଜଣଙ୍କୁ ପଦ୍ମ ସମ୍ମାନ ପ୍ରଦାନ କରିଥିଲେ। ଏମାନଙ୍କ ମଧ୍ୟରେ ୨ ଜଣଙ୍କୁ ପଦ୍ମ ବିଭୂଷଣ, ୯ ଜଣଙ୍କୁ ପଦ୍ମଭୂଷଣ ଓ ୫୩ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ମିଳିଛି।

ପଦ୍ମଶ୍ରୀ ପାଇଥିବା ଓଡ଼ିଆ ବାଡ୍ମିଣ୍ଟନ ତାରକା ପ୍ରମୋଦ ଭଗତ ଗତ ପାରା ଅଲିମ୍ପିକ୍ସରେ ଦେଶ ପାଇଁ ସ୍ୱର୍ଣ୍ଣପଦକ ଜିତିଥିଲେ। ଏହାପୂର୍ବରୁ ଟୋକିଓ ପାରା ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ପାଇଁ ପ୍ରମୋଦଙ୍କୁ ମେଜର ଧ୍ୟାନଚାନ୍ଦ ଖେଳରତ୍ନ ପୁରସ୍କାର ମିଳିଥିଲା। ସେହିପରି ପଦ୍ମଭୂଷଣ ସମ୍ମାନ ପାଇଥିବା ଖ୍ୟାତନାମା ଲେଖିକା ପ୍ରତିଭା ରାୟ ୨୦୦୦ ମସିହାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଓ ୨୦୧୧ରେ ଜ୍ଞାନପୀଠ ପୁରସ୍କାର ପାଇଥିଲେ। ଏଥିସହିତ ଅନେକ ସମ୍ମାନରେ ସେ ମଧ୍ୟ ସମ୍ମାନିତ ହୋଇଛନ୍ତି। ତେବେ ସମ୍ମାନଜନକ ପଦ୍ମଭୂଷଣ ଘୋଷଣା ପରେ ସେ କହିଥିଲେ, ଏ ସମ୍ମାନ ମୋ ରାଜ୍ୟର, ମୋ ଭାଷାର। ଏ ସମ୍ମାନ ବ୍ୟକ୍ତିଙ୍କୁ ନୁହେଁ, ସାହିତ୍ୟକୁ ମିଳିଛି।

ସୂଚନାଯୋଗ୍ୟ, ୨୦୨୨ ପାଇଁ ମୋଟ୍ ୧୨୮ଜଣଙ୍କୁ ପଦ୍ମ ସମ୍ମାନରେ ସମ୍ମାନିତ କରାଯାଇଛି। ୪ଜଣଙ୍କୁ ପଦ୍ମ ବିଭୂଷଣ, ୧୭ଜଣଙ୍କୁ ପଦ୍ମଭୂଷଣ ଓ ୧୦୭ଜଣଙ୍କୁ ପଦ୍ମଶ୍ରୀ ପ୍ରଦାନ କରାଯାଇଛି। ଏମାନଙ୍କ ମଧ୍ୟରୁ ୩୪ଜଣ ମହିଳା ଥିବାବେଳେ ୧୩ଜଣଙ୍କୁ ମରଣୋତ୍ତର ଭାବେ ପୁରସ୍କାର ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୬୪ଜଣ ଓ ଦ୍ୱିତୀୟ ପର୍ଯ୍ୟାୟରେ ୬୪ଜଣଙ୍କୁ ସମ୍ମାନ ପ୍ରଦାନ କରାଯାଇଥିଲା। ତେବେ ଏହି ଦୁଇ ପର୍ଯ୍ୟାୟରେ ଓଡ଼ିଶାରୁ ଜଣଙ୍କୁ ପଦ୍ମଭୂଷଣ ଓ ୬ ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ୫ଜଣଙ୍କୁ ପଦ୍ମଶ୍ରୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମାଜସେବା କ୍ଷେତ୍ରରେ ବିଶିଷ୍ଟ ପ୍ରବଚକ ଶ୍ରୀମଦ୍ ବାବା ବଳିଆ, ବିଜ୍ଞାନ ଓ ବୈଷୟିକ ଜ୍ଞାନ କ୍ଷେତ୍ରରେ ପ୍ରଫେସର ଡ. ଆଦିତ୍ୟ ପ୍ରସାଦ ଦାଶ, କଳା କ୍ଷେତ୍ରରେ ବିଶିଷ୍ଟ କଣ୍ଠଶିଳ୍ପୀ ଡ. ଶ୍ୟାମାମଣି ଦେବୀ, ଶିକ୍ଷା ଓ ସାହିତ୍ୟ କ୍ଷେତ୍ରରେ ସାହିତ୍ୟିକ ନରସିଂହ ପ୍ରସାଦ ଗୁରୁ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀ ଭାବେ ସ୍ୱର୍ଗତ ଗୁରୁ ପ୍ରସାଦ ମହାପାତ୍ରଙ୍କୁ ମରଣୋତ୍ତର ଭାବେ ପଦ୍ମଶ୍ରୀ ସମ୍ମାନ ମିଳିଥିଲା।




ପାରା ଆଥ୍ଲେଟ୍ ପ୍ରମୋଦ ଭଗତ ଓ ଔପନ୍ୟାସିକା ପ୍ରତିଭା ରାୟଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ସମ୍ମାନ ପ୍ରଦାନ କରୁଛନ୍ତି।




## କାର ଦୁର୍ଘଟଣାରେ ଚାଳକ ମୃତ

ଦିଗପହଣ୍ଡି,୨୮ା୩(ଡି.ଏନ୍.ଏ.): ଦିଗପହଣ୍ଡି-ବ୍ରହ୍ମପୁର ୧୭ନଂ. ରାଜ୍ୟ ରାଜପଥର ଗୋକର୍ଣ୍ଣପୁର ଗ୍ରାମ ଆଇଟିଆଇ ନିକଟରେ ଘଟିଥିବା ସଡ଼କ ଦୁର୍ଘଟଣାରେ କାର ଚାଳକଙ୍କ ମୃତ୍ୟୁ ଘଟିଛି। ରବିବାର ରାତି ପ୍ରାୟ ୧୨ଟାରେ ଦୁର୍ଘଟଣା ଘଟିଥିଲା। ପୋଲିସ ପହଞ୍ଚି ଗାଡ଼ି ଚାଳକଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ସୂଚନା ପ୍ରକାରେ ବ୍ରହ୍ମପୁରରୁ ଦିଗପହଣ୍ଡି ଅଭିମୁଖେ ଦ୍ରୁତ ଗତିରେ ଯାଉଥିବା କାର (ଓଡ଼ି ୩୩ ଜେ-୦୦୩୫) ରାସ୍ତାକଡ଼ର ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା। ମୃତକ ହେଲେ ଦିଗପହଣ୍ଡି ଥାନା ଅନନ୍ତେଇ ଗ୍ରାମର ଗାଡିଚାଳକ କୃଷ୍ଣଚନ୍ଦ୍ର ପାତ୍ର। କୃଷ୍ଣଚନ୍ଦ୍ରଙ୍କ ଭାଇଙ୍କ ଏତଲାକ୍ରମେ ପୋଲିସ ମାମଲା ନଂ.୧୩୧/୨୨ ରୁଜୁ କରିଛି।

## ରାଜ୍ୟପାଳଙ୍କୁ ଭେଟିଲେ ଭାଜପାର ସବୁ ବିଧାୟକ

### ପିଏମ୍‌ଜିକେୱାଇ ଲାଗି ଧନ୍ୟବାଦ ପ୍ରସ୍ତାବ ଆଣିବାକୁ ଦାବି

ଭୁବନେଶ୍ୱର, ୨୮ା୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍‌ଜିକେୱାଇ)କୁ ଦେଶରେ ୬ଷ୍ଠ ଥର ପାଇଁ ବୃଦ୍ଧି କରାଯାଇଛି। ତେଣୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେବା ଲାଗି ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଣିବା ନିମନ୍ତେ ଭାଜପାର ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିରୋଧୀ ଦଳ ଉପନେତା ମୋହନ ମାଝି କହିଛନ୍ତି, ଭାଜପା ବିଧାୟକମାନେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା ପାଇଁ ଗୃହରେ ଧନ୍ୟବାଦ ପ୍ରସ୍ତାବ ଆଣିବା ଲାଗି ବାଚସ୍ପତିଙ୍କୁ ଅବଗତ କରିଥିଲେ। ଏହି ପ୍ରସଙ୍ଗକୁ ଗୃହର ଶୂନ୍ୟକାଳରେ ଉପସ୍ଥାପନ କରାଯାଇଥିଲା। ଏହି ବିଷୟରେ ବାଚସ୍ପତି ଅନୁଧ୍ୟାନ କରିବେ ବୋଲି କହିଥିଲେ। ପରବର୍ତ୍ତୀ ସମୟରେ ଆଉ ଯୋଗାଯୋଗ କରାଗଲା ନାହିଁ ଏବଂ କିଛି ଉତ୍ତର ପାଇଲୁନି। ସେପଟେ ମଙ୍ଗଳବାର ପର୍ଯ୍ୟନ୍ତ ଗୃହ ମୁଲତବୀ ଘୋଷଣା କରିଦିଆଗଲା। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ଦେଶର ୮୦ କୋଟି ଏବଂ ରାଜ୍ୟର ପ୍ରାୟ ୩.୨୫ କୋଟି ଲୋକ ଉପକୃତ ହେଉଛନ୍ତି। କେବଳ ଓଡ଼ିଶା ପାଇଁ ୧୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମୂଲ୍ୟର ଖାଦ୍ୟଶସ୍ୟ ବଣ୍ଟନ କରାଯାଇଛି। ରାଜ୍ୟର ସମସ୍ତ ବିଧାୟକ ସଂଘୀୟ ବ୍ୟବସ୍ଥାରେ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଦେବା କ'ଣ ଭୁଲ କି ବୋଲି ମୋହନ ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କୁ ଏଭଳି ଜନକଲ୍ୟାଣକାରୀ ପଦକ୍ଷେପ ଲାଗି ଧନ୍ୟବାଦ ଦେବା ପାଇଁ ଏକ ଧନ୍ୟବାଦ ପ୍ରସ୍ତାବ ଲାଗି ବାଚସ୍ପତିଙ୍କୁ ଅବଗତ କରାଯିବା ପରେ ରାଜ୍ୟପାଳଙ୍କ ହସ୍ତକ୍ଷେପ ଲୋଡାଯାଇଛି ବୋଲି ସେ କହିଛନ୍ତି।

## ଯୁବ ବ୍ୟବସାୟୀଙ୍କ ମୃତ୍ୟୁ, ଜଣେ ଗୁରୁତର

ବାସୁଦେବପୁର, ୨୮ା୩ (ଡି.ଏନ୍.ଏ.)

ଭଦ୍ରକ ଜିଲା ବାସୁଦେବପୁର-ଜାମୁଝାଡ଼ି ରାସ୍ତାର ଗୁଆଗାଁ ଛକଠାରେ ସୋମବାର ଏକ ନିର୍ମାଣାଧୀନ ପୋଲ ତଳକୁ ଖସିପଡ଼ି ଜଣେ ଯୁବ ବ୍ୟବସାୟୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାସୁଦେବପୁର ବ୍ଲକ ବାଷଠୀ ଗ୍ରାମର ବିପିନ କୁମାର ବେହେରା(୩୦)। ଏହି ଦୁର୍ଘଟଣାରେ ବିପିନଙ୍କ ସହ ଥିବା ତାଙ୍କ ବନ୍ଧୁ ବ୍ରହ୍ମପୁରର ବାଲିଗଡ଼ ଗାଁର ମୁକେଶ କୁମାର ପ୍ରଧାନ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ ବାସୁଦେବପୁର ଡାକ୍ତରଖାନା ଓ ପରେ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ପାଇଁ ନିର୍ମାଣକାରୀ ସଂସ୍ଥାକୁ ଦାୟୀ କରିବା ସହ କ୍ଷତିପୂରଣ ଦାବିରେ ରାସ୍ତାରୋକୋ କରିଥିଲେ।

ସୂଚନା ଅନୁଯାୟୀ, ସୋମବାର ଭୋର ସମୟରେ ଏହି ଦୁର୍ଘଟଣା ଘଟିଛି। ବିପିନଙ୍କ ବାପା ନବକିଶୋର ରବିବାର ରାତିରେ ହଠାତ୍ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଚିକିତ୍ସା ପାଇଁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ବିପିନ ସେଠାରୁ ବାଇକ୍‌ରେ ବାସୁଦେବପୁର ଅଭିମୁଖେ ଆସୁଥିବା ବେଳେ ଉକ୍ତ ପୋଲ ନିକଟରେ ଭାରସାମ୍ୟ ହରାଇବା ଫଳରେ ଗାଡ଼ିଟି ତଳକୁ ଖସି ପଡ଼ିଥିଲା। ଫଳରେ ସେ ପୋଲ କଂକ୍ରିଟ ପିଲରରେ ପିଟି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ରାସ୍ତା ନିର୍ମାଣକାରୀ ସଂସ୍ଥା ଦୀର୍ଘଦିନ ଧରି ଏହି ପୋଲ କାର୍ଯ୍ୟ ସମ୍ପୂର୍ଣ୍ଣ କରୁ ନ ଥିବାରୁ ଏଠାରେ ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ସ୍ଥାନୀୟ ଗ୍ରାମବାସୀ, କଂଗ୍ରେସ ନେତା ଅଶୋକ କୁମାର ଦାସ, କାଉନ୍‌ସିଲର ଭକ୍ତରଞ୍ଜନ ପଟ୍ଟନାୟକ, କାର୍ତ୍ତିକ ଖିଲାର ପ୍ରମୁଖ ଉକ୍ତ ପୋଲଠାରେ ରାସ୍ତା ଅବରୋଧ କରିଥିଲେ। ପୋଲ ଓ ରାସ୍ତା ନିର୍ମାଣ କାର୍ଯ୍ୟ ତୁରନ୍ତ ଶେଷ କରିବାକୁ ସେମାନେ ଦାବି କରିଥିଲେ। ସ୍ଥାନୀୟ ପୋଲିସ ପହଞ୍ଚି ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିଥିଲା। ମୃତଦେହ ବ୍ୟବଚ୍ଛେଦ ପାଇଁ ଭଦ୍ରକ ପଠାଯାଇଛି।

ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ ଧରାପଡ଼ିବା ଘଟଣା

## ଆଉ ୧.୫ କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ

### ୪ର୍ଥ ଦିନରେ ମିଳିଲା ସୁନା କଏନ୍, ସୁନା ବିସ୍କୁଟ୍



ମାଲକାନଗିରି,୨୮ା୩ (ଡି.ଏନ୍.ଏ.): ୪ ଦିନ ହେଲା ଭିଜିଲାନ୍ସ ବିଭାଗ ମାଲକାନଗିରି ଜିଲା ଅଧୀକ୍ଷଣ ଯନ୍ତ୍ରୀ ଆଶିଷ ଦାସଙ୍କ ସମ୍ପତ୍ତି ଖୋଳତାଡ କରିବାରେ ଲାଗିଛି। ଗତ ୩ଦିନ ମଧ୍ୟରେ ପ୍ରାୟ ୭ କୋଟି ଟଙ୍କାର ସମ୍ପତ୍ତି ଠାବ କରାଯାଇଥିବା ବେଳେ ଚତୁର୍ଥ ଦିନ ସୋମବାର ଆଉ ୧.୫ କୋଟି ଟଙ୍କାର ସମ୍ପତ୍ତି ଠାବ ହୋଇଛି। ଏହି ସମ୍ପତ୍ତି ମଧ୍ୟରେ ସୁନା କଏନ୍, ସୁନା ବିସ୍କୁଟ୍ ଆଦି ରହିଛି। ନଗଦ ୧ କୋଟି ୧୫ ଲକ୍ଷ ଟଙ୍କା ମଧ୍ୟ ଭିଜିଲାନ୍ସ ହାତରେ ଲାଗିଛି। ତେବେ ଜବତ ସୁନା ମଧ୍ୟରେ ୧୦ ଗ୍ରାମ୍ ଓଜନର ୪୫ଟି ସୁନା କଏନ୍, ୫ ଗ୍ରାମ୍ ଓଜନର ୧୬ଟି ସୁନା କଏନ୍, ୫୦ ଗ୍ରାମ୍ ଓଜନର ୨ଟି ସୁନା ବିସ୍କୁଟ୍, ୧୦ ମିଲିଗ୍ରାମର ୧୯ଟି ସୁନା କଏନ ରହିଥିବା ଭିଜିଲାନ୍ସ ଡିଏସ୍‌ପି. ସୁଶାନ୍ତ କୁମାର ବିଶ୍ୱାଳ କହିଛନ୍ତି। ଏହା ପୂର୍ବରୁ ଆଶିଷଙ୍କ ବିଭିନ୍ନ ବୀମା କମ୍ପାନୀରେ ୧ କୋଟି ୭୭ ଲକ୍ଷ ଟଙ୍କା ଗତ ବର୍ଷକ ମଧ୍ୟରେ ଜମା ହୋଇଛି। ଆକ୍ସିସ ବ୍ୟାଙ୍କରେ ୭୮ ଲକ୍ଷ ଟଙ୍କା ୧୮ ଜଣଙ୍କ ନାମରେ ଜମା ରହିଥିଲା। ସେହିପରି ଏଲ୍ଆଇସି, ମାକ୍ସ ଜୀବନ ବୀମାରେ ୧୪ ଲକ୍ଷ, ୟୁଟିଆଇରେ ୨୫ ଲକ୍ଷ, କେନ୍ଦୁଝର ଷ୍ଟେଟବ୍ୟାଙ୍କ ଶାଖାରେ ୧୬ ଲକ୍ଷ, କିଷାନ ବିକାଶ ପତ୍ରରେ ୧୪ ଲକ୍ଷ, ଏଚଡିଏଫ୍‌ସି, ବିସିଡି, ବିଜୟା ଆଦି ବ୍ୟାଙ୍କରେ ମଧ୍ୟ ଲକ୍ଷାଧିକ ଟଙ୍କାର ଡିପୋଜିଟ୍ ଥିବା ଜଣାପଡିଥିଲା ବୋଲି ବିଶ୍ୱାଳ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ଜଣେ ଅଧୀକ୍ଷଣ ଯନ୍ତ୍ରୀଙ୍କଠାରୁ ଏତେ ପରିମାଣର ଟଙ୍କା ଜବତ ହେବା ଘଟଣା ଭିଜିଲାନ୍ସ ରେକର୍ଡରେ ସର୍ବାଧିକ ବୋଲି ଜଣାପଡିଛି।

## ଧନ୍ୟବାଦ ବନାମ ନିନ୍ଦା

## ଭାଜପାକୁ କଂଗ୍ରେସର କାଉଣ୍ଟର

ଭୁବନେଶ୍ୱର,୨୮ା୩(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସପକ୍ଷରେ ଧନ୍ୟବାଦ ଓ ବିରୋଧର ନିନ୍ଦା ପ୍ରସ୍ତାବ ଗୃହରେ ଆଣିବାକୁ ଉଭୟ ଭାଜପା ଏବଂ କଂଗ୍ରେସ ଯଥାକ୍ରମେ ବାଚସ୍ପତିଙ୍କୁ ପ୍ରସ୍ତାବ ଦେଇଛନ୍ତି। ଭାଜପାର ଦାବି ହେଲା ପ୍ରଧାନମନ୍ତ୍ରୀ ବାତ୍ୟା, ବନ୍ୟା ସମୟରେ ରାଜ୍ୟକୁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେଉଛନ୍ତି। କରୋନା ମହାମାରୀ ସମୟରେ ରାଜ୍ୟର ୩କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେଇଛନ୍ତି। ଆଉ ୬ ମାସ ପାଇଁ ପୁଣି ମାଗଣା ଖାଦ୍ୟଶସ୍ୟ ଯୋଗାଇଦେବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ଗୃହରେ ପ୍ରଧାନମନ୍ତ୍ରୀଙ୍କ ପାଇଁ ଧନ୍ୟବାଦ ପ୍ରସ୍ତାବ ଅଣାଯାଉଛି। ଭାଜପାର ଏଭଳି ପ୍ରସ୍ତାବକୁ କଂଗ୍ରେସ କାଉଣ୍ଟର କରିବାକୁ ପଛାଇ ନାହିଁ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ସମ୍ପର୍କରେ ବିଧାନସଭାର ଗୃହ କମିଟିକୁ ଦେଖାକରିବାକୁ ଅନୁମତି ଦେଇ ନ ଥିବାରୁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି କଂଗ୍ରେସ ଦାବି କରିଛି।

ସୋମବାର ବିଧାନସଭା ଶୂନ୍ୟକାଳ ଆରମ୍ଭ ହେବା ମାତ୍ରେ ବିରୋଧୀ ଦଳ ଉପନେତା ସଭ୍ୟ ବିଷ୍ଣୁ ଚରଣ ସେଠୀ କହିଥିଲେ, ପ୍ରଧାନମନ୍ତ୍ରୀ ଦେଶର ୮୦ କୋଟି ଲୋକଙ୍କ ପାଇଁ ବିଶେଷକରି ଓଡ଼ିଶାର ୩ କୋଟି ଲୋକଙ୍କୁ ମାଗଣାରେ ଖାଦ୍ୟଶସ୍ୟ ଯୋଗାଇଦେବାକୁ ଘୋଷଣା କରିଛନ୍ତି। ଏଥିପାଇଁ ୨ ଲକ୍ଷ ୬୦ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟବରାଦ କରାଯାଇଛି। ରାଜ୍ୟରେ ବାତ୍ୟା, ବନ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପ୍ରଧାନମନ୍ତ୍ରୀ ସହାୟତାର ହାତ ବଢ଼ାଇଛନ୍ତି। କରୋନା ମହାମାରୀ ସମୟରେ ଗରିବ କଲ୍ୟାଣ ଯୋଜନା ପାଇଁ ପ୍ରଧାନମନ୍ତ୍ରୀଙ୍କ ସକାଶେ ଗୃହରେ ଧନ୍ୟବାଦ ପ୍ରସ୍ତାବ ଅଣାଯାଉ ବୋଲି ସେ କହିଥିଲେ। ଏହାକୁ ବିରୋଧୀ ଦଳ ମୁଖ୍ୟ ସଚେତକ ମୋହନ ଚରଣ ମାଝି ସମର୍ଥନ କରିବା ସହ ରୁଲିଂ ଦେବାକୁ ବାଚସ୍ପତିଙ୍କୁ ଅନୁରୋଧ କରିଥିଲେ। ବାଚସ୍ପତି କହିଥିଲେ, ପୂର୍ବାହ୍ନ ୧୦ଟା ୨୯ ମିନିଟ୍‌ରେ ଭାଜପାର ୧୦ରୁ ୧୨ ଜଣ ବିଧାୟକ ଏ ନେଇ ଲେଖିକରି ଦେଇଛନ୍ତି। ଏହାକୁ ଅନୁଧ୍ୟାନ କଲା ପରେ ରିପୋର୍ଟ ଦିଆଯିବ।

କଂଗ୍ରେସ ସଦସ୍ୟ ତାରାପ୍ରସାଦ ବାହିନୀପତି କହିଥିଲେ, ରାଜ୍ୟରେ ଚାଷୀମାନଙ୍କର ଧାନର ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ସର୍ବସମ୍ମତିକ୍ରମେ ବିଧାନସଭାରେ ଏକ ସଂକଳ୍ପ ପାରିତ ହୋଇଥିଲା। ଭାଜପାର ସଦସ୍ୟମାନେ ମଧ୍ୟ ଏହାକୁ ସମର୍ଥନ କରିଥିଲେ। ବାଚସ୍ପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଗଲା। ପ୍ରଧାନମନ୍ତ୍ରୀଙ୍କୁ ଭେଟିବାକୁ ବାଚସ୍ପତି ଚିଠି ଲେଖିଲେ। ମାତ୍ର ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ କୌଣସି ଉତ୍ତର ଆସିଲା ନାହିଁ। ଏ ଗୃହ ତଥା ରାଜ୍ୟବାସୀର ସମ୍ମାନହାନି ହୋଇଛି। ଏଥିପାଇଁ ପ୍ରଧାନମନ୍ତ୍ରୀଙ୍କ ବିରୋଧରେ ନିନ୍ଦା ପ୍ରସ୍ତାବ ଅଣାଯାଉ ବୋଲି ସେ ଦାବି କରିଥିଲେ।

ସେହିପରି ଶୂନ୍ୟକାଳରେ କଂଗ୍ରେସ ସଦସ୍ୟ ସୁରେଶ କୁମାର ରାଉତରାୟ ଶ୍ରୀଜଗନ୍ନାଥ ମନ୍ଦିର ସୁରକ୍ଷା ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ । ମନ୍ଦିରକୁ ଆଉ ଅଧିକ ଖୋଳାଖୋଳି କରା ନ ଯାଇ ଏହାର କିପରି ସୁରକ୍ଷା ହୋଇ ପାରିବ ସେନେଇ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ରାଜ୍ୟ ସରକାରଙ୍କ ଅଧିକାରୀ , ସେବାୟତମାନଙ୍କୁ ନେଇ ଏକ ହାଇ ପାୱାର କମିଟି ଗଠନ କରାଯାଉ। ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଓଡ଼ିଆ ଭାଷାକୁ ଅପଭ୍ରଂଶ କରି ଲେଖାଯାଉଥିବା ବିଷୟ ଉଠାଇଥିଲେ। ସେ କହିଥିଲେ, ଆଳି, କଟକ ଭଳି ଆହୁରି ଅନେକ ଜାଗାର ନାମକୁ ଭୁଲ୍ ଭାବେ ଲେଖାଯାଉଛି। ଯେପରି ଭାବେ ଓରିଶାକୁ ଓଡ଼ିଶା କରାଗଲା ସେହିପରି ଅନ୍ୟ ସ୍ଥାନର ନାମକୁ ମଧ୍ୟ ସଂଶୋଧନ କରାଯାଉ।

## ଝାରସୁଗୁଡ଼ାରେ ହେବ ମେଡିକାଲ କଲେଜ

### ଖୁବ୍‌ଶୀଘ୍ର ଡିପିଆର୍ ଉପସ୍ଥାପନ କରାଯିବ

ଭୁବନେଶ୍ୱର,୨୮ା୩(ବ୍ୟୁରୋ)

ଝାରସୁଗୁଡ଼ାରେ ପ୍ରସ୍ତାବିତ ୧୦୦ ଆସନ ବିଶିଷ୍ଟ ଶ୍ରୀ ଶ୍ରୀ ରବିଶଙ୍କର ମେଡିକାଲ କଲେଜ ଓ ୱେଲ୍‌ନେସ୍ ସେଣ୍ଟର ପ୍ରତିଷ୍ଠା ହେବାକୁ ଯୋଜନା ଚାଲିଛି। ଏ ନେଇ ସୋମବାର ଲୋକସେବା ଭବନରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନବକିଶୋର ଦାସଙ୍କ ଅଧ୍ୟକ୍ଷତାରେ ଓ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ରାଜ କୁମାର ଶର୍ମାଙ୍କ ଉପସ୍ଥିତିରେ ଏହି ବୈଠକ ହୋଇଥିଲା। ସରକାରୀ ଓ ଘରୋଇ ସହଭାଗିତାରେ ପ୍ରତିଷ୍ଠା ହେବାକୁ ଥିବା ଏହି ମେଡିକାଲ କଲେଜ ପାଇଁ ଖୁବ୍‌ଶୀଘ୍ର ବିସ୍ତୃତ ପ୍ରକଳ୍ପ ବିବରଣୀ (ଡିପିଆର୍) ଉପସ୍ଥାପନ କରାଯିବ। ପରବର୍ତ୍ତୀ ସମୟରେ ଡାଇରେକ୍ଟୋରେଟ ଅଫ୍ ମେଡିକାଲ ଏଜୁକେଶନ ଆଣ୍ଡ ଟ୍ରେନିଂ(ଡିଏମ୍‌ଇଟି)ର ଅନୁମୋଦନ ପାଇବା ପରେ ସରକାରୀ ସ୍ତରରେ ଏଥିପାଇଁ ନିଷ୍ପତ୍ତି ନିଆଯିବ। ପ୍ରାୟ ୫୦ ଏକର ଜମିରେ ପ୍ରସ୍ତାବିତ ୱେଲ୍‌ନେସ୍ ସେଣ୍ଟର ମଧ୍ୟରେ ଆୟୁର୍ବେଦ, ନେଚରୋପାଥି, ଯୋଗ, ପଞ୍ଚକର୍ମ ଓ ମାନସିକ ସ୍ୱାସ୍ଥ୍ୟ ଭଳି ବିଭିନ୍ନ ସୁବିଧା ରହିବ ବୋଲି ବୈଠକରୁ ସୂଚନା ମିଳିଛି। ବୈଠକର ଆଲୋଚନା ଅନୁସାରେ ମେଡିକାଲ କଲେଜ ଓ ୱେଲ୍‌ନେସ୍ ସେଣ୍ଟର ଅଲଗା ସ୍ଥାନରେ ନିର୍ମାଣ କରାଯିବ। ୧୦୦ ଆସନ ବିଶିଷ୍ଟ ମେଡିକାଲ କଲେଜରେ କ୍ଲିନିକାଲ ସୁବିଧା ସହ ଏଠାରେ ଡାକ୍ତରୀ ପାଠ ପଢ଼ିବାକୁ ଥିବା ଛାତ୍ରୀଛାତ୍ରଙ୍କ ପାଇଁ ମେଡିକାଲ ପାଠ୍ୟକ୍ରମର ବ୍ୟବସ୍ଥା ରହିବ। ଏହି ବୈଠକରେ ଡିଏମ୍‌ଇଟି, ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ, ଆୟୁଷ ନିର୍ଦ୍ଦେଶକ ସାମିଲ ଥିବାବେଳେ ପ୍ରସ୍ତାବିତ ମେଡିକାଲ କଲେଜ ପକ୍ଷରୁ ଅଶୋକ ଗାନ୍ଧୀ, ପୱନ୍ ସୁଲତାନିଆଙ୍କ ସହ ଏକ ପ୍ରତିନିଧି ମଣ୍ଡଳୀ ବୈଠକରେ ଅଂଶଗ୍ରହଣ କରିଥିଲେ।

## ଅଗ୍ନିକାଣ୍ଡ ଘଟି ୭ ଛେଳି ଜୀବନ୍ତ ଦଗ୍ଧ

ଡେଲାଙ୍ଗ,୨୮ା୩(ଡି.ଏନ୍.ଏ.)

ଡେଲାଙ୍ଗ ବ୍ଲକର ରେଞ୍ଚ ପଞ୍ଚାୟତ ଅନ୍ତର୍ଗତ ପ୍ରହରାଜପୁର ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଗ୍ରାମର ବିଜୟ ବେହେରାଙ୍କ ଗୁହାଳ ଘର ପୋଡ଼ିଯିବା ସହିତ ୭ ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣା ଅନୁଯାୟୀ, ସବୁଦିନ ଭଳି ବିଜୟଙ୍କ ପରିବାର ଲୋକ ରାତିରେ ଖାଇସାରି ଶୋଇପଡିଥିଲେ। ହେଲେ ବିଳମ୍ବିତ ରାତିରେ କୌଣସି କାରଣରୁ ତାଙ୍କ ଗୁହାଳ ଘରେ ନିଆଁ ଲାଗିଯାଇଥିଲା। ଗୁହାଳରେ ଥିବା ଛେଳିମାନେ ରଡି ଛାଡିବାରୁ ବିଜୟଙ୍କ ପରିବାର ଓ ପଡିଶା ଘର ଲୋକେ ଉଠି ନିଆଁ ଜଳୁଥିବାର ଦେଖିବାକୁ ପାଇଥିଲେ। ସେ ପାଟିକରି ଡାକିବାରୁ ସାହିର ସମସ୍ତେ ଉଠି ନିଆଁ ଲିଭାଇବାରେ ସାହାଯ୍ୟ କରିଥିଲେ। ସେତେବେଳକୁ ଗୁହାଳରେ ଥିବା ପ୍ରାୟ ୭ଟି ଛେଳି ସମ୍ପୂର୍ଣ୍ଣ ଜଳିଯାଇଥିଲେ। ଖବର ପାଇ ଡେଲାଙ୍ଗ ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଗୁହାଳ ଧୂଆଁରୁ ଅଗ୍ନିକାଣ୍ଡ ଘଟିଥିବା ସନ୍ଦେହ କରାଯାଉଛି। ଖବରପାଇ ସରପଞ୍ଚ ହରିହର ସ୍ୱାଇଁ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହା ସହିତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ଆଶ୍ୱାସନା ଦେଇଛନ୍ତି।


**ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ** — ଡିମାଣ୍ଡ ନୋଟିସ୍

always with U

ଆଞ୍ଚଳିକ କାର୍ଯ୍ୟାଳୟ: ଖୋର୍ଦ୍ଧା, ସା: ସାନପଲ୍ଲୀ, ପୋ: ପଲ୍ଲୀହାଟ, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା, ଫୋନ୍ ନଂ.: ୦୬୭୫୫-୨୯୬୨୧୩

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| କ୍ର. ନଂ. | ଓଡଗାଁ ଶାଖା / ଋଣଗ୍ରହୀତା/ଜାମିନ୍‌ଦାର/ ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିର ବିବରଣୀ / ଋଣ ପ୍ରକାର |
|---|---|---|---|
| ୧. | ଋଣଗ୍ରହୀତା: ଶ୍ରୀ ପ୍ରଫୁଲ୍ଲ କୁମାର ସ୍ୱାଇଁ, ପିତା: ଶ୍ରୀ ବିଶ୍ୱନାଥ ସ୍ୱାଇଁ, ସା: ଦଳକ, ପୋ.: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ବିଶ୍ୱନାଥ ସ୍ୱାଇଁ, ପିତା: ଶ୍ରୀ ଲକ୍ଷ୍ମଣ ସ୍ୱାଇଁ, ସା: ଦଳକ, ପୋ.: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ / ଜାମିନ୍‌ଦାର: ଶ୍ରୀ କାଳୁ ଚରଣ ସାହୁ, ପିତା: ତ୍ରିନାଥ ସାହୁ, ସା/ପୋ: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ | ୦୬.୦୧.୨୦୨୨ / ୦୬.୦୧.୨୦୨୨ ସୁଦ୍ଧା ଟ.୩,୧୫,୩୦୩/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ବିଶ୍ୱନାଥ ସ୍ୱାଇଁଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଘରବାରି ଜମି ଯାହାର ମୌଜା: ଦଳକ, ହାଲ ଖାତା ନଂ.: ୫୫୦/୪୨୧, ହାଲ ପ୍ଲଟ୍ ନଂ.: ୪୨୬, କ୍ଷେତ୍ର: ଏକର୦.୦୪ଡିସିମିଲି/ ନଗଦ ଋଣ- ୦୧୧୭୦୨୦୦୦୦୦୦୨୧୮ |
| ୨. | ଋଣଗ୍ରହୀତା: ଶ୍ରୀମତୀ ପ୍ରତିମା ପାତ୍ର, ସ୍ୱାମୀ: ଶ୍ରୀ କାଳୁ ଚରଣ ରାଉତ, ସା/ପୋ: ଓଡଗାଁ, ଦଳକ ପୋଖରୀ ନିକଟ, ଜିଲ୍ଲା: ନୟାଗଡା, ପିନ୍-୭୫୨୦୮୧ / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀମତୀ ନିର୍ମଳା ଦାସ, ସ୍ୱାମୀ: ସମ୍ପଦ କୁମାର ଦାସ, ସା: ଦଳକ, ପୋ: ଓଡଗାଁ, ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ / ଜାମିନ୍‌ଦାର: ଶ୍ରୀ ବନମାଳୀ ବେହେରା, ପିତା: ରଘୁନାଥ ବେହେରା, ସା/ପୋ: ଓଡଗାଁ (ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ନିକଟ), ଜିଲ୍ଲା: ନୟାଗଡ, ପିନ୍-୭୫୨୦୮୧ | ୦୬.୦୧.୨୦୨୨ / ୦୬.୦୧.୨୦୨୨ ସୁଦ୍ଧା ଟ.୨,୫୨,୭୬୫/- + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀମତୀ ନିର୍ମଳା ଦାସଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଯାହାର ମୌଜା: ଦଳକ, ଖାତା ନଂ.: ୫୫୦/୧୩୯୧, ପ୍ଲଟ୍ ନଂ.: ୭୩୯/୧୪୭୨, କ୍ଷେତ୍ର: ଏକର୦.୦୩ଡିସିମିଲି / ଏମ୍‌ଏସ୍‌ଏମ୍‌ଇ ନିମନ୍ତେ ମିଆଦୀ ଋଣ |

ସ୍ଥାନ: ଖୋର୍ଦ୍ଧା, ତାରିଖ: ୨୮.୦୩.୨୦୨୨ — ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ



**FORM NO. 13**
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. No. 14/22

Bank of Baroda .....Applicant
Versus
Mr. Pramod Gupta & Mrs. Ganga Bai Agarwal @ Gupta .....Defendant(s)

To,
1. **Mr. Pramod Gupta,** Resident At: Agrasen Colony, Infront of UCO Bank, Gandhi Chowk, Hulursingha, Dist.: Angul, Odisha, PIN-759122 ...(Borrower)
2. **Mrs. Ganga Bai Agarwal @ Gupta,** Resident At: Agrasen Colony, Infront of UCO Bank, Gandhi Chowk, Hulursingha, Dist.: Angul, Odisha, PIN-759122 ...(Joint Borrower)

**SUMMONS BY PAPER PUBLICATION FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 14/22** in the Court of the Debts of Recovery Tribunal, Cuttack for recovery of **Rs.38,12,028/-** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorized agent, in support of their defence to show cause within **30 days** from the publication or on **10.05.2022 at 10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **22nd day of March, 2022.**

Sd/- (M. K. Patnaik)
REGISTRAR



JSPL FOUNDATION
**ଜିନ୍ଦଲ ସ୍ୱୟଂସମ୍ପୂର୍ଣ୍ଣା ନାରୀ**
ମହିଳା ଏବଂ ବାଳିକାମାନଙ୍କର ଶିକ୍ଷା ଓ ଦକ୍ଷତା ବିକାଶ ସହାୟତା

ଜେଏସପିଏଲ ଫାଉଣ୍ଡେସନର ଜିନ୍ଦଲ ସ୍ୱୟଂ ସ୍ୱୟଂସମ୍ପୂର୍ଣ୍ଣା ନାରୀ ଯୋଜନା ଅଧୀନରେ ଦକ୍ଷତା ବିକାଶ ତାଲିମ ଓ ଉଚ୍ଚ ଶିକ୍ଷା ପାଇଁ ଆର୍ଥିକ ସହାୟତା ନିମନ୍ତେ ଓଡିଶାରେ ରହୁଥିବା ଆର୍ଥିକ ଦୁର୍ବଳ ବର୍ଗର ବାଳିକା ଏବଂ ମହିଳାମାନଙ୍କ ନିକଟରୁ ଦରଖାସ୍ତ ଆହ୍ୱାନ କରାଯାଉଛି।

- ଦଶମ ଶ୍ରେଣୀ ପରୀକ୍ଷାରେ ୬୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୭ ରୁ ୩୦ ବର୍ଷ ବୟସର ମହିଳା ଏବଂ ବାଳିକା ମାନେ ଦକ୍ଷତା ବିକାଶ ତାଲିମ ପାଇଁ ଆର୍ଥିକ ସହାୟତା ନିମନ୍ତେ ଆବେଦନ କରିପାରିବେ।
- ୬୫ ପ୍ରତିଶତରୁ ଅଧିକ ନମ୍ବର ରଖି ଯୁକ୍ତ ଦୁଇ ପାସ କରିଥିବା ମହିଳା ଏବଂ ବାଳିକା ମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଏବଂ ୫୫ ପ୍ରତିଶତରୁ ଅଧିକ ନମ୍ବର ରଖି ସ୍ନାତକ ଡିଗ୍ରୀ ହାସଲ କରିଥିବା ମହିଳା ଏବଂ ବାଳିକା ମାନେ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଆର୍ଥିକ ସହାୟତା ପାଇପାରିବେ।
- ଇଂଜିନିୟରିଂ, ମ୍ୟାନେଜମେଣ୍ଟ, ଡାକ୍ତରୀ, ଆଇନ ଆଦି ବୃତିଗତ ଶିକ୍ଷା ନିମନ୍ତେ ସହାୟତା ପାଇଁ ଆବଶ୍ୟକ ପ୍ରବେଶିକା ପରୀକ୍ଷାରେ ସଫଳ ହେବା ଆବଶ୍ୟକ।
- **ସମସ୍ତ ସହାୟତା ପାଇଁ ପିତାମାତା/ପରିବାରର ଆୟ ବାର୍ଷିକ ଦୁଇ ଲକ୍ଷ ଟଙ୍କାରୁ କମ ହୋଇଥିବା ଆବଶ୍ୟକ।**

**ଏହି ଯୋଜନା ସମ୍ବନ୍ଧୀୟ ସବିଶେଷ ସୂଚନା ଫାଉଣ୍ଡେସନର ୱେବସାଇଟ୍ www.jsplfoundation.com ରେ ଉପଲବ୍ଧ।** ଆଗ୍ରହୀ ମହିଳା ଏବଂ ବାଳିକା ମାନେ ଆବେଦନ କରିବା ପାଇଁ www.jsplfoundation.com/education ରେ ଉପଲବ୍ଧ ଦରଖାସ୍ତ ଫର୍ମ ସହିତ ପାସପୋର୍ଟ ସାଇଜ୍ ଫଟୋଗ୍ରାଫ୍, ଦଶମ/କିମ୍ବା ଉଚ୍ଚ ଶ୍ରେଣୀ ପରୀକ୍ଷାର ମାର୍କ ସିଟ୍ ଏବଂ ରାଜସ୍ୱ ଅଧିକାରୀ ଦ୍ୱାରା ପ୍ରଦାନ କରାଯାଇଥିବା ପାରିବାରିକ ଆୟ ପ୍ରମାଣପତ୍ର ସଲଗ୍ନ କରି awards@jsplfoundation.com ରେ ଇମେଲ ପଠାଇବା ଆବଶ୍ୟକ।

**ଆବେଦନର ଗ୍ରହଣ କରିବାର ଶେଷ ତାରିଖ ୯ ଅପ୍ରେଲ ୨୦୨୨।**

ସମସ୍ତ ମନୋନୀତ ପ୍ରାର୍ଥୀମାନେ ସେମାନଙ୍କର ଇଚ୍ଛା ଅନୁଯାୟୀ ଦକ୍ଷତା ବିକାଶ ତାଲିମ କିମ୍ବା ଉଚ୍ଚଶିକ୍ଷା ପାଠ୍ୟକ୍ରମ ବାଛିବା କରିବା ସହିତ ସେମାନଙ୍କ ସୁବିଧା ଅନୁଯାୟୀ ନିକଟରେ ଥିବା ଏକ ବିଶ୍ୱସନୀୟ ତାଲିମ ପ୍ରତିଷ୍ଠାନ ବା କଲେଜ ଚୟନ କରିପାରିବେ। ଉପରୋକ୍ତ ସହାୟତା ପାଇଁ ଜେଏସପିଏଲ ଫାଉଣ୍ଡେସନର ନିଷ୍ପତି ଚୂଡାନ୍ତ।

www.jsplfoundation.com/education

## ସଂକ୍ଷେପରେ

### ବ୍ଲକ୍‌ସ୍ତରୀୟ ବିଜ୍ଞାନମେଳା ପ୍ରସ୍ତୁତି ବୈଠକ

ଧରାକୋଟ,୨୮।୩(ଡି.ଏନ୍.ଏ.)- ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ୍ ଉଚ୍ଚ ପ୍ରାଥମିକ, ହାଇସ୍କୁଲ ପ୍ରଧାନ ଶିକ୍ଷକମାନଙ୍କର ଏକ ବୈଠକ ବିଇଓ କୋରେଶ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏବିଇଓ ପ୍ରଦୀପ କୁମାର ହୋତା, ଉମାଚରଣ ପାଣିଗ୍ରାହୀ, ବୁଚି ରାଓ ଦୋରା ଉପସ୍ଥିତ ଥିଲେ। ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ବିଜ୍ଞାନମେଳା କରିବା ଏବଂ ଆସନ୍ତା ୩୦ ତାରିଖ ମଧ୍ୟରେ ପ୍ରକଳ୍ପ ଚୟନ, ଏପ୍ରିଲ ପ୍ରଥମ ସପ୍ତାହ ସୁଦ୍ଧା ତାଲିକା ଦେବାପାଇଁ ନିଷ୍ପତ୍ତି ହୋଇଥିଲା। ସେହିପରି ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ପ୍ରତି ବିଦ୍ୟାଳୟରେ ଏସ୍ଏମ୍ସି ଓ ଏସ୍ଏମ୍ଡିସି ସଭ୍ୟ ମାନଙ୍କର ତାଲିମ କରାଯିବ ବୋଲି ବିଇଓ ସୂଚନା ଦେଇଥିଲେ। ସେହିପରି ଆସନ୍ତା ୨ରୁ ୮ ତାରିଖ ପର୍ଯ୍ୟନ୍ତ ବ୍ଲକର ସମସ୍ତ ବସ୍ତି ଓ ଗ୍ରାମରେ ଶିକ୍ଷା ସଚେତନତା ରଥ ପରିକ୍ରମା କରାଯିବ ବୋଲି ସୂଚନା ଦିଆଯାଇଥିଲା।

### ରୁପା ଚୋରି ଘଟଣା, ୪ କୋର୍ଟ ଚାଲାଣ

ପାତ୍ରପୁର,୨୮।୩(ଡି.ଏନ.ଏ)- ପାତ୍ରପୁରର ଏକ ସୁନା ଦୋକାନକୁ ଶନିବାର ଗ୍ରାହକ ବେଶରେ ଆସି ରୁପା ଚୋରି କରିଥିବା ୩ ମହିଳା ଓ ଜଣେ ପୁରୁଷଙ୍କୁ ବ୍ରହ୍ମପୁର ହରିଡାଖଣ୍ଡି ଛକଠାରୁ ଜରଡ଼ା ଥାନା ପୋଲିସ ସୋମବାର ଗିରଫ କରିଛି। ସେମାନେ ହେଲେ ବ୍ରହ୍ମପୁରର କୋରା ଗୌଡ, ଝୁନୁ ଦାସ, ସୁଶୀଳା ଦାସ ଓ ଝୁମୁରୀ ଦାସ। ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ମୁତାବକ ଦୁଇ ଦିନ ତଳେ ପାତ୍ରପୁର ସ୍ଥିତ ବାଣୀଶ୍ରୀ ସୁନା ଦୋକାନକୁ ଏମାନେ ଗ୍ରାହକ ବେଶରେ ଆସି କୌଶଳ କ୍ରମେ ରୂପା ଚୋରି କରି ନେଇଥିଲେ। ଦୋକାନ ମାଲିକଙ୍କ ଅଭିଯୋଗ କ୍ରମେ ସିସିଟିଭି ଫୁଟେଜକୁ ଆଧାର କରି ଜରଡ଼ା ଥାନା ପୋଲିସ ବ୍ରହ୍ମପୁର ପୋଲିସ ସହାୟତାରେ ଅଭିଯୁକ୍ତମାନଙ୍କୁ ଗିରଫ କରିଛି। ଏ ନେଇ ନଂ. ୧୨୬/୨୨ ରେ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନଙ୍କ ପାଖରୁ ୧୨ହଜାର ୨୦୦ ଟଙ୍କା ସହ କିଛି ରୁପା ଅଳଙ୍କାର ଜବତ କରାଯାଇଛି।

### ନୂତନ ବ୍ଲକ ଅଧ୍ୟକ୍ଷଙ୍କ ଦାୟିତ୍ୱ ଗ୍ରହଣ



ରାଇକିଆ,୨୮।୩(ଡି.ଏନ.ଏ)-ରାଇକିଆ ବ୍ଲକର ନୂତନ ଅଧକ୍ଷ ଭାବେ ପ୍ରିତମ ପ୍ରଧାନ ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ସେ ତାଙ୍କର ସମର୍ଥକମାନଙ୍କ ସହ ଶୋଭାଯାତ୍ରାରେ ବ୍ଲକ କାର୍ଯ୍ୟାଳୟକୁ ଆସିଥିଲେ। ବ୍ଲକ ପ୍ରଶାସନ ତରଫରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ଉପାଧକ୍ଷା ରୀନା ପ୍ରଧାନ, ଜିଲା ପରିଷଦ ସଭ୍ୟା ମମତାରାଣୀ ପ୍ରଧାନ, ବ୍ଲକ ବିଜେଡି ସଭାପତି ରାଜମୋହନ ଦିଗାଲଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ରହି ଶୁଭେଚ୍ଛା ଜଣାଇଥିଲେ। ପ୍ରିତମ ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ରାଇକିଆ ପଞ୍ଚାୟତର ସରପଞ୍ଚ ଭାବେ କାର୍ଯ୍ୟ କରିସାରିଛନ୍ତି।

### ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବୁଗୁଡ଼ା,୨୮।୩(ଡି.ଏନ୍.ଏ.) ବୁଗୁଡ଼ା ଏନ୍ଏସି ଅନ୍ତର୍ଗତ ଶ୍ରୀବଳଦେବଜୀଉ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପକ୍ଷରୁ ଆତ୍ମସୁରକ୍ଷା ତାଲିମ ଶିବିର ସୋମବାର ଉଦ୍‌ଘାଟିତ ହୋଇଯାଇଛି। ଅଧ୍ୟକ୍ଷ ମନୋଜ କୁମାର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୋଲିସ୍ ଏଏସ୍ଆଇ ଅମିୟ କୁମାର ପାଢ଼ୀ ଏବଂ ସମ୍ମାନିତ ଅତିଥି ଅଧ୍ୟାପକ ବିଭୂତି ଭୂଷଣ ମିଶ୍ର ଯୋଗଦେଇ ଛାତ୍ରୀମାନଙ୍କୁ ଆତ୍ମସୁରକ୍ଷା ତାଲିମ ଗ୍ରହଣର ଆବଶ୍ୟକତା ସମ୍ପର୍କରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ ଅଷ୍ଟ ଦିବସୀୟ ଶିବିରରେ ୧୮୭ ଛାତ୍ରୀ ଅଂଶଗ୍ରହଣ କରିଥିବା ବେଳେ ମାଷ୍ଟର ଟ୍ରେନର୍ ଦିବ୍ୟାନୀ ସାହୁ, ପୂଜା ପ୍ରଧାନ ଓ ରଚନା ସାହୁ ପ୍ରମୁଖ ସେମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଶେଷରେ କାର୍ଯ୍ୟକ୍ରମ ପରିଚାଳକ ସତ୍ୟଶ୍ରୀ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭାରତ ବନ୍ଦର ଆଂଶିକ ପ୍ରଭାବ

## ବ୍ରହ୍ମପୁରରେ କର୍ମୀ-ପୋଲିସ ଧସ୍ତାଧସ୍ତି

ବ୍ରହ୍ମପୁର ଅଫିସ,୨୮।୩/ ଆସିକା/ହିଞ୍ଜିଳିକାଟୁ/ପାରଳାଖେମୁଣ୍ଡି (ଡି.ଏନ୍.ଏ.)

କେନ୍ଦ୍ରୀୟ ଟ୍ରେଡ୍‌ୟୁନିୟନ ପକ୍ଷରୁ ସୋମବାର ଓ ମଙ୍ଗଳବାର ୨ ଦିନିଆ ଭାରତ ବନ୍ଦ ଡାକରାରେ ବ୍ରହ୍ମପୁରରେ ଆଂଶିକ ପ୍ରଭାବ ପଡ଼ିଛି। ସହରର କେତୋଟି ସ୍ଥାନରେ ପେଟ୍ରୋଲ୍ ପମ୍ପ ବନ୍ଦ ଥିବା ବେଳେ ବସ୍, ଅଟୋ ଓ ଅନ୍ୟାନ୍ୟ ଯାନବାହନ ଚଳାଚଳ ସ୍ୱାଭାବିକ ରହିଥିଲା। ଏଥିସହ ଅଳ୍ପ କିଛି ସ୍ଥାନରେ ଦୋକାନ ବଜାର ବନ୍ଦ ରହିବା ସହ ପୁରୁଣା ବସ୍‌ଷ୍ଟାଣ୍ଡ, ନୂଆ ବସ୍‌ଷ୍ଟାଣ୍ଡ, ବଡ଼ ବଜାର, ସାନ ବଜାର, ଅର୍ବାନ ବ୍ୟାଙ୍କ ରୋଡ଼, ଗେଟ୍ ବଜାର, ବିଜିପୁର ଓ କମାପଲୀ ଆଦି ଅଞ୍ଚଳରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପିକେଟିଂ କରାଯାଇଥିଲା। କିନ୍ତୁ ଧର୍ମଘଟର ପ୍ରଥମ ଦିନରେ ସେଭଳି କୌଣସି ପ୍ରଭାବ ପଡ଼ି ନ ଥିବା ଦେଖିବାକୁ ମିଳିଥିଲା। ସହରବାସୀ ଧର୍ମଘଟକୁ ସଫଳ ନିମନ୍ତେ ସମର୍ଥନ ଜଣାଇଥିଲେ। ଅନ୍ୟପଟେ ପୂର୍ବାହ୍ନରେ ବ୍ରହ୍ମପୁର ରେଳ ଷ୍ଟେଶନଠାରେ ବିଭିନ୍ନ ଶ୍ରମିକ ସଂଗଠନ ପକ୍ଷରୁ ପିକେଟିଂ କରାଯାଇ ରେଳରୋକୋ ପାଇଁ ଉଦ୍ୟମ କରାଯାଇଥିଲା। କିନ୍ତୁ ଷ୍ଟେଶନ ପରିସରରେ ଶ୍ରମିକ ସଂଗଠନ କର୍ମକର୍ତ୍ତା ପୋଲିସ ପ୍ରବେଶ କରିବା ପାଇଁ ବାରଣ କରିବାରୁ କର୍ମୀ ଓ ପୋଲିସ ମଧ୍ୟରେ ଧସ୍ତାଧସ୍ତି ହୋଇଥିଲା। ଏହାପରେ ସଂଗଠନ ପକ୍ଷରୁ ମୁଖ୍ୟ ଡାକଘର, ଷ୍ଟେଟ ବ୍ୟାଙ୍କ, ବିଏମ୍‌ସି କାର୍ଯ୍ୟାଳୟ, ବଡ଼ ବଜାର, ଟିପିଏସ୍ଓଡିଏଲ୍ କାର୍ଯ୍ୟାଳୟରେ ପିକେଟିଂ କରି ବନ୍ଦ କରିଥିଲେ। ସେହିଭଳି ଭାବେ ଭାରତୀୟ ଜୀବନ ବୀମା ନିଗମ ବ୍ରହ୍ମପୁର ମଣ୍ଡଳର କର୍ମଚାରୀମାନେ ମଧ୍ୟ ଧର୍ମଘଟରେ ସାମିଲ ହୋଇଛନ୍ତି। କେନ୍ଦ୍ର ସରକାରଙ୍କ ଶ୍ରମିକମାରଣ ନୀତି, ବେକାରଙ୍କୁ ନିଯୁକ୍ତି, କର୍ମଚାରୀଙ୍କ ଅଧିକାରରେ ସୁରକ୍ଷା, ଜାତୀୟକରଣ ଶିଳ୍ପର ଘରୋଇକରଣକୁ ବିରୋଧ କରାଯାଇଥିଲା। ଆନ୍ଦୋଳନରେ ଆଇଏନ୍‌ଟିୟୁସିର ପୀତବାସ ପଣ୍ଡା, ଭୋକାଲି ସେଠୀ, ଏଆଇଟିୟୁସିର ପ୍ରକାଶ ପାତ୍ର, ପ୍ରଦୀପ ସେଠୀ, ସିଆଇଟିୟୁର ଯୁଧିଷ୍ଠିର ବେହେରା, ଶିବ ପ୍ରସାଦ ମହାପାତ୍ର, ଏଆଇସିସିଟିୟୁର ସୋମନାଥ ବେହେରା, ପଞ୍ଚାନନ ଜେନା, ନୃସିଂହ ବ୍ରହ୍ମା, କିଶୋର ମିଶ୍ର, ଏଲଆଇସି ବ୍ରହ୍ମପୁର ମଣ୍ଡଳର ସନ୍ତୋଷ କୁମାର ରଥ, ସୁରେଶ ଚନ୍ଦ୍ର ତ୍ରିପାଠୀ ଓ ଅମୂଲ୍ୟ ପ୍ରସାଦ ମେହେରଙ୍କ ସମେତ ବିଭିନ୍ନ ସଂଗଠନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ଆସିକାରେ ଭାରତ ବନ୍ଦ ଆଂଶିକ ସଫଳ ହୋଇଛି। ଯାନବାହାନା ଚଳାଚଳ ହେଉଥିଲେ ମଧ୍ୟ ସ୍ୱାଭାବିକ ନଥିଲା। ମୁଖ୍ୟ ଡାକଘର ସମ୍ମୁଖରେ କର୍ମଚାରୀ ନେତା ବସନ୍ତ କୁମାର ପାଠୀଙ୍କ ନେତୃତ୍ୱରେ କର୍ମଚାରୀମାନେ ପିକେଟିଂ କରିଥିଲେ। ପୁରୁଣା ବସଷ୍ଟାଣ୍ଡଠାରେ ଏଆଇଟିୟୁସି ନେତା ବିଦେଶୀ ନାହାକଙ୍କ ନେତୃତ୍ୱରେ ବିଭିନ୍ନ ସଂଗଠନର ପ୍ରତିନିଧି ପିକେଟିଂରେ ସାମିଲ ଥିଲେ। ହିଞ୍ଜିଳିକାଟୁରେ ଟିୟୁସିଆଇ ସହ ସହବନ୍ଧିତ ଓଡିଶା ନିର୍ମାଣ ଶ୍ରମିକ ୟୁନିଅନ ଗଞ୍ଜାମ ଜିଲା କମିଟି ପକ୍ଷରୁ ଜାତୀୟ ରାଜପଥ ନଂ ୫୯ ସମରଝୋଳ ଛକରେ ଅବରୋଧ କରାଯାଇଥିଲା। ସେହିପରି ଗଜପତି ଜିଲା ପାରଳାଖେମୁଣ୍ଡିରେ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ ପକ୍ଷରୁ କଲେଜ ଛକ ନିକଟରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ବ୍ରହ୍ମପୁର ମୁଖ୍ୟ ଡାକଘର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।



ପାରଳାଖେମୁଣ୍ଡିରେ ବନ୍ଦ ପାଳନ କରାଯାଉଛି।

### କବିସୂର୍ଯ୍ୟନଗର ଏନଏସି
## ପୌର ଉପାଧ୍ୟକ୍ଷ ପଦବୀ ପାଇଁ ଗୋଟିଚାଳନା ଆରମ୍ଭ

କବିସୂର୍ଯ୍ୟନଗର,୨୮।୩ (ଡି.ଏନ୍.ଏ.)

ସରିଲା ପୌର ନିର୍ବାଚନ। ଚେୟାରମ୍ୟାନ ବାଛିଲେ ଜନତା। କିନ୍ତୁ କାଉନ୍‌ସିଲରମାନେ ଉପାଧ୍ୟକ୍ଷ ପଦବୀ ବାଛିବେ। ଏନେଇ ଏବେ କବିସୂର୍ଯ୍ୟନଗର ଏନ୍ଏସି ଉପାଧ୍ୟକ୍ଷ ପଦବୀକୁ ନେଇ ଚାଲିଛି ଘୋଡ଼ା ବେପାର। ସହରବାସୀ ଚାହୁଁଛନ୍ତି ଜଣେ ଯୁବ ନେତୃତ୍ୱଙ୍କୁ। ଏଠି ବିଜେଡି ୧୬ଟି ଆସନ, ଭାଜପା ଗୋଟିଏ ଓ ସ୍ୱାଧୀନ ଗୋଟିଏ ବହୁମତରେ ନିର୍ବାଚିତ ହୋଇଛନ୍ତି। କବିସୂର୍ଯ୍ୟନଗର ନିର୍ବାଚନମଣ୍ଡଳୀରେ କୋଦଳା ଓ କବିସୂର୍ଯ୍ୟନଗର ୨ଟି ଏନ୍ଏସି ଥିବା ବେଳେ କୋଦଳା ଭାଜପା ହାତକୁ ଯାଇଛି। ଏବେ ଯୁବ ଗୋଷ୍ଠୀଙ୍କୁ ଯଦିଓ ଗୁରୁତ୍ୱ ଦିଆନଯାଏ, କବିସୂର୍ଯ୍ୟନଗରରେ ମଧ୍ୟ କୋଦଳା ସ୍ଥିତି ଦେଖାଦେବା ସମ୍ଭାବନା ରହିଛି। ବିଜେଡି ତା'ର ଗଡ଼ରକ୍ଷା କରିବା ପାଇଁ କ'ଣ ପଦକ୍ଷେପ ନେଉଛି, କାହାକୁ ଉପାଧ୍ୟକ୍ଷ ପଦବୀରେ ବସାଇବ ଦେଖିବାକୁ ବାକି ରହିଲା।

## ପୂର୍ବତନ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣା: ୫ ଗିରଫ

ବ୍ରହ୍ମପୁର ଅଫିସ,୨୮।୩


ଗିରଫ ୫ ଅଭିଯୁକ୍ତ।

ବ୍ରହ୍ମପୁର ସହରରେ ପୌର ନିର୍ବାଚନ ପରବର୍ତ୍ତୀ ହିଂସା ଓ ଜଣେ କର୍ପୋରେଟରଙ୍କୁ ହତ୍ୟା ଧମକ ଘଟଣାରେ ଗୋଷାଣୀନୂଆଗାଁ ପୋଲିସ ୫ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପ୍ରେମନଗର ଫର୍ଚ୍ୟୁନ ଶଙ୍କର ପ୍ୟାଲେସରେ ରହୁଥିବା ଶିବା ଓରଫ କୁମାର ଅଭିଷେକ ବେହେରା (୧୯), ବିଜିପୁର ଲକ୍ଷ୍ମୀସାହିରେ ରହୁଥିବା ସାଗର ପାତ୍ର (୨୯), ହାଉସିଂ ବୋର୍ଡ ବିମଳାନଗରରେ ରହୁଥିବା ଅରୁଣ ଓରଫ ସରୋଜ କୁମାର ବେହେରା, ଜଗନ୍ନାଥ ବିହାରରେ ରହୁଥିବା ସିତୁନ ସାହୁ (୨୧) ଓ ବାଲାଜୀପେଣ୍ଠ ସାହିରେ ରହୁଥିବା ସନ୍ତୁ ଓରଫ ସନ୍ତୋଷ କୁମାର ସାହୁ(୨୯)।

ଘଟଣାରେ ବ୍ୟବହୃତ ସ୍କୋଡା କାର୍ (ଓଆର୍ ୦୨ ବି ଡବ୍ଲ୍ୟୁ ୦୦୨୪) କୁ ପୋଲିସ ଶିବାଙ୍କଠାରୁ ଜବତ କରିଛି। ମାମଲା ନଂ. ୪୬/୨୨ରେ ଗିରଫ ଉପରୋକ୍ତ ୫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଏକ ପ୍ରେସ୍ ନୋଟ୍‌ରେ ବ୍ରହ୍ମପୁର ଏସ୍‌ଡିପିଓ ବିଷ୍ଣୁପ୍ରସାଦ ପତି ସୂଚନା ଦେଇଛନ୍ତି। ପରେ ଅଭିଯୁକ୍ତମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ କହିଛି।

ପ୍ରକାଶ ଯେ, ହାଉସିଂ ବୋର୍ଡ ବ୍ରିଟ୍ କଲୋନିରେ ରହୁଥିବା ବୀରେନ ପଟ୍ଟନାୟକ ବିଏମ୍‌ସିର ଜଣେ ପୂର୍ବତନ କର୍ପୋରେଟର ଥିବା ବେଳେ ସେ ଚଳିତ ଥର ୱାର୍ଡ ନମ୍ବର ୧୨ରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ସେହିପରି ତାଙ୍କ ସ୍ତ୍ରୀ ସସ୍ମିତା ଦାସ ଭାଜପାରୁ ଟିକେଟ ପାଇ ବିଏମ୍‌ସିର ୧୪ ନମ୍ବର ୱାର୍ଡର କର୍ପୋରେଟର ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ଉଭୟ ବୀରେନ ଓ ତାଙ୍କ ସ୍ତ୍ରୀ ଉକ୍ତ ନିର୍ବାଚନରେ ପରାଜିତ ହୋଇଥିଲେ। ଗତ ୨୬ତାରିଖ ବିଳମ୍ବିତ ରାତି ପ୍ରାୟ ୩ଟାରେ ଏକ କାର୍ ବୀରେନଙ୍କ ଘର ସମ୍ମୁଖରେ ପହଞ୍ଚିଥିଲା। ଗାଡ଼ି ଭିତରୁ ୭/୮ ଜଣ ଯୁବକ ବନ୍ଧୁକ ଓ ବିଭିନ୍ନ ମାରଣାସ୍ତ୍ର ଧରି ବୀରେନ ଓ ତାଙ୍କ ସ୍ତ୍ରୀଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ସେଠାରେ ଯୁବକମାନେ ଆତଙ୍କ ଖେଳାଇବା ସହ ଘର ବାହାରେ ଥିବା ତାଙ୍କ ବାଇକ୍‌କୁ ଭାଙ୍ଗିଦେଇଥିଲେ। ଏପରିକି ତାଙ୍କ ଘର ଉପରକୁ ପଥରମାଡ କରିବା ସହ ଗ୍ରୀଲ୍ ଭାଙ୍ଗିଦେଇଥିଲେ। ବୀରେନ ଏନେଇ ଗୋଷାଣୀନୂଆଗାଁ ପୋଲିସକୁ ଜଣାଇଥିଲେ। ପୋଲିସ ପହଞ୍ଚି ବୀରେନ ଓ ତାଙ୍କ ପରିବାର ସଦସ୍ୟଙ୍କୁ ସୁରକ୍ଷା ଦେଇଥିଲା। ନିର୍ବାଚନ ପୂର୍ବରୁ ଏକ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର କେତେଜଣ ସମର୍ଥକ ବୀରେନ ଓ ତାଙ୍କ ସ୍ତ୍ରୀଙ୍କୁ ଧମକଚମକ ଦେଉଥିଲେ। ଏପରିକି ନିର୍ବାଚନ ପରେ ମଧ୍ୟ ସେମାନେ ଗୁଣ୍ଡାରାଜ ଦେଖାଇବା ସହ ସେମାନଙ୍କୁ ଜୀବନରେ ମାରିଦେବାକୁ ଧମକ ଦେଇଥିବା ନେଇ ସସ୍ମିତା ଥାନାରେ ଲିଖିତ ଏତଲା ଦେଇଥିଲେ।

## ସ୍ୱାମୀଙ୍କୁ ଆଜୀବନ କାରାଦଣ୍ଡ

### ସ୍ତ୍ରୀ ହତ୍ୟା ମାମଲା

ଭଞ୍ଜନଗର,୨୮।୩(ଡି.ଏନ.ଏ)

ଗଞ୍ଜାମ ଜିଲା ତାରସିଂ ଥାନା ଅନ୍ତର୍ଗତ ଡାଳଖାଇ ମନ୍ଦିର ନିକଟ ଜଙ୍ଗଲରେ ୨୦୧୬ ଫେବୃୟାରୀ ୩ ତାରିଖ ରାତିରେ ଘଟିଥିବା ରାଜଲକ୍ଷ୍ମୀ ପାତ୍ର ହତ୍ୟା ମାମଲାର ରାୟ ସୋମବାର ପ୍ରକାଶ ପାଇଛି। ଭଞ୍ଜନଗର ଏଡିଜେ ଡ଼.ଅରୁଣ କୁମାର ସାହୁ ୨୮ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ସ୍ୱାମୀ ପି. ଜୟସେନ ପାତ୍ରଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୫ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୬ମାସ କାରାଦଣ୍ଡ ଭୋଗିବା ପାଇଁ ରାୟରେ ଉଲ୍ଲେଖ କରିଛନ୍ତି। ଏହି ମାମଲାରେ ଅନ୍ୟ ଜଣେ ନାବାଳକ ସମ୍ପୃକ୍ତ ଥିବାବେଳେ ତାଙ୍କର ବ୍ରହ୍ମପୁର କୋର୍ଟରେ ବିଚାର ଚାଲିଛି। ତାରସିଂ ଥାନା ଅନ୍ତର୍ଗତ ବ୍ରାହ୍ମଣପଦର ଗ୍ରାମର ପି.ଜୟସେନ ୨୦୧୩ରେ ନୂଆଁଗାର ରାଜଲକ୍ଷ୍ମୀଙ୍କୁ ବିବାହ କରିଥିଲେ। ସେମାନଙ୍କର ଏକ କନ୍ୟା ସନ୍ତାନ ଜନ୍ମ ହେବାରୁ ଜୟସେନ ସ୍ତ୍ରୀଙ୍କ ଉପରେ ଅସନ୍ତୁଷ୍ଟ ଥିଲେ। ବାପଘରୁ ଦେଢ଼ ଲକ୍ଷ ଟଙ୍କା ଆଣିବା ପାଇଁ ସେ ରାଜଲକ୍ଷ୍ମୀଙ୍କ ଉପରେ ଚାପ ପକାଇଥିଲେ। ଶ୍ୱଶୁର ଘର ଟଙ୍କା ନ ଦେବାରୁ ଜୟସେନ ସ୍ତ୍ରୀଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲେ। ଘଟଣା ଦିନ ସ୍ତ୍ରୀ ଓ ଝିଅଙ୍କୁ ନେଇ ଜୟସେନ ଶ୍ୱଶୁର ଘରକୁ ଯାଇ ସନ୍ଧ୍ୟାରେ ବାଇକରେ ଫେରୁଥିଲେ। ବାଟରେ ମୁଜାଗଡ଼ ଠାରେ ରାଶନ କିଣିବା ବାହାନାରେ ଜୟସେନ କିଛି ସମୟ ରହ ଗାଁର ଜଣେ ନାବାଳକଙ୍କୁ ଡ଼ାଳଖାଇ ମନ୍ଦିର ପାଖକୁ ଡ଼ାକିଥିଲେ। ପରେ ଜୟସେନ ଜଙ୍ଗଲରେ ଝିଅ ସମ୍ମୁଖରେ ଉକ୍ତ ନାବାଳକ ସହ ମିଶି ରାଜଲକ୍ଷୀଙ୍କୁ ହତ୍ୟା କରିଥିଲେ। ପରେ ଗ୍ରାମକୁ ଫୋନ କରି ଦୁର୍ଘଟଣା ଘଟିଥିବା କହିଥିଲେ। ତଦନ୍ତ ପରେ ଏହା ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଜଣାପଡ଼ିଥିଲା। ସରକାରଙ୍କ ପକ୍ଷରୁ ଏମ୍.ତାଜ୍ ଆଦେନୀ ଏବଂ ମୁଦାଲାଙ୍କ ପକ୍ଷରୁ ବସନ୍ତ କୁମାର ଦାସ ମାମଲା ପରିଚାଳନା କରୁଥିଲେ।

## ପ୍ରତାରଣା ଅଭିଯୋଗରେ ଇଞ୍ଜିନିୟର ଗିରଫ

ବ୍ରହ୍ମପୁର ଅଫିସ,୨୮।୩

ଜନୈକା ଯୁବତୀଙ୍କୁ ବିବାହର ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ବ୍ରହ୍ମପୁର ବଡ଼ବଜାର ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି। ଯୁବକ ଜଣଙ୍କ ନୂଆ ଗୌଡ଼ସାହିର ସୁଧାକର ସାହୁ (୨୮)। ସେ ହାଇଦ୍ରାବାଦରେ ଏକ ପ୍ରାଇଭେଟ୍ କମ୍ପାନୀରେ ସଫ୍ଟୱେର ଇଞ୍ଜିନିୟର ଭାବେ କାମ କରନ୍ତି ବୋଲି ପୋଲିସ କହିଛି। ରବିବାର ପୀଡ଼ିତାଙ୍କ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ବୟାନ ରେକର୍ଡ଼ କରାଯାଇଥିଲା। ସୋମବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କ ଏମ୍‌କେସିଜି ମେଡିକାଲରେ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୬୫/୨୨ ରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି।

ପ୍ରକାଶ ଯେ, ପ୍ରାୟ ଏକ ବର୍ଷ ତଳେ ଉଭୟ ସୁଧାକର ଓ ସମ୍ପୃକ୍ତା ଯୁବତୀଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ସୁଧାକର ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଶେଷରେ ସୁଧାକର ସମ୍ପୃକ୍ତା ଯୁବତୀଙ୍କୁ ବିବାହ କରିବେ ନାହିଁ ବୋଲି କହିବା ସହ ତାଙ୍କୁ ଧମକଚମକ ଦେଇଥିଲେ। ପ୍ରତାରଣାର ଶିକାର ହୋଇଥିବା ପୀଡ଼ିତା ଜଣଙ୍କ ଏନେଇ ବଡ଼ବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରିଥିଲା। ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ସୋମବାର ଗିରଫ କରିଥିବା କହିଛି।

## କେନ୍ଦୁପଦର ପଞ୍ଚାୟତର ପ୍ରଥମ ବୈଠକ

ଆସିକା,୨୮।୩(ଡି.ଏନ.ଏ)

ପଞ୍ଚାୟତ ନିର୍ବାଚନ ପରେ ଆସିକା ବ୍ଲକର କେନ୍ଦୁପଦର ପଞ୍ଚାୟତର ପ୍ରଥମ ବୈଠକ ସୋମବାର ପଞ୍ଚାୟତ ସଭାଗୃହରେ ଅନୁଷ୍ଠିତ ହୋଇଥିଲା। ନବନିର୍ବାଚିତ ସରପଞ୍ଚ ଭବାନୀ ଶଙ୍କର ମଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନାଏବ ସରପଞ୍ଚ ଶୋଭା ବିଶ୍ୱାଳଙ୍କ ସମେତ ୱାର୍ଡ ସଦସ୍ୟମାନେ ଯୋଗଦେଇଥିଲେ। ପଞ୍ଚାୟତ ନିର୍ବାହୀ ଅଧିକାରୀ ଧନଞ୍ଜୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଠକରେ ଏନଆରଇଜିଏସ ମାଧ୍ୟମରେ ବ୍ୟକ୍ତିଗତ ପ୍ରକଳ୍ପ ଓ ଗୋଷ୍ଠିଗତ ପ୍ରକଳ୍ପ, ଖାଉଟି ସାମଗ୍ରୀର ସୁଷମ ବଣ୍ଟନ, ଗତ ୩ ମାସ ଧରି ପେନସନ ଖାତାକୁ ଟଙ୍କା ଆସିନଥିବା ହିତାଧିକାରୀଙ୍କୁ ୩ ମାସର ପେନସନ ପ୍ରଦାନ ସମେତ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇଥିଲା।



ପଞ୍ଚାୟତ ବୈଠକରେ ମଞ୍ଚାସୀନ ଅତିଥି।

## ନବନିର୍ବାଚିତ ପଞ୍ଚାୟତ ପ୍ରତିନିଧିଙ୍କ ବୈଠକ

ଦାରିଙ୍ଗବାଡ଼ି,୨୮।୩(ଡି.ଏନ.ଏ)


ନବନିର୍ବାଚିତ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଦାରିଙ୍ଗବାଡ଼ି ବ୍ଲକ ସିମନବାଡ଼ି ପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ନବ ନିର୍ବାଚିତ ପଞ୍ଚାୟତସ୍ତରୀୟ ଜନପ୍ରତିନିଧିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦୁଃଶାସନ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ସରପଞ୍ଚ ଅମିତା ପ୍ରଧାନ, ନାଏବ ସରପଞ୍ଚ ଏସ. ସୁନିଲ କୁମାର ସୁବୁଦ୍ଧି, ସମିତିସଭ୍ୟ ସାଧୁ ନାୟକଙ୍କ ସମେତ ବିଭିନ୍ନ ୱାର୍ଡ଼ ସଭ୍ୟାସଭ୍ୟ ଯୋଗଦେଇଥିଲେ। ଏହି ଅବସରରେ ପ୍ରଥମେ ସମସ୍ତ ପ୍ରାକ୍ତନ ଲୋକ ପ୍ରତିନିଧିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ନୂତନ ପ୍ରତିନିଧି ମାନେ ଅଙ୍ଗବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ପରେ ନୂତନ ଲୋକ ପ୍ରତିନିଧି ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ସେମାନଙ୍କୁ ଶପଥପାଠ କରାଯାଇଥିଲା। ପରେ ପଞ୍ଚାୟତ ପରିଚାଳନା, ନିତିଶାସ୍ତ୍ର ଏବଂ ପଞ୍ଚାୟତର ରହିଥିବା ବିଭିନ୍ନ ଆଇନ, ସମ୍ବିଧାନ ସମ୍ପର୍କରେ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକ ପ୍ରତିନିଧି ମାନଙ୍କୁ ବୁଝାଇଥିଲେ। ଆଗକୁ ପଲ୍ଲିସଭା ସହ ଗ୍ରାମସଭା କରାଯାଇ ବିଭିନ୍ନ ପ୍ରକଳ୍ପ ପାରିତ କରାଯିବା ନିମନ୍ତେ ଆଲୋଚନା କରାଯାଇଥିଲା। ଏଥିରେ ଏମଜିଏନଇଆରଇଜିଏ କାର୍ଯ୍ୟର ତଦାରଖ କରୁଥିବା ମେଟ ସମେତ ଗ୍ରାମ ରୋଜଗାର ସେବକ ବିଜୟ କୁମାର ସାହୁ ପ୍ରମୁଖ ଯୋଗ ଦେଇ ଆଲୋଚନା କରିଥିଲେ। ସରପଞ୍ଚଙ୍କ ସମର୍ଥକ ପରମେ ପ୍ରଧାନ, ରଞ୍ଜନ ଦିଗାଳ, ମନୁରାଜ ଦିଗାଳଙ୍କ ସମେତ ବହୁ ଗ୍ରାମବାସୀ ବୈଠକରେ ଯୋଗ ଦେଇଥିଲେ। ସୂଚନା ଯୋଗ୍ୟ, ନବନିର୍ବାଚିତ ସରପଞ୍ଚ ଅମିତା ପ୍ରଧାନ ଦ୍ୱିତୀୟଥର ପାଇଁ ସରପଞ୍ଚ ନିର୍ବାଚିତ ହୋଇଛନ୍ତି।

## ରେଡ୍‌କ୍ରସ ପରାମର୍ଶଦାତା ତାଲିମ ଶିବିର

ବ୍ରହ୍ମପୁର ଅଫିସ,୨୮।୩

ଆସ୍କାରୋଡ଼ସ୍ଥିତ ପୌର ବାଳିକା ଉଚ୍ଚ ବିଦ୍ୟାଳୟରେ ସୋମବାର ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପରାମର୍ଶଦାତା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଏହା ମାର୍ଚ୍ଚ ୨୮ରୁ ୩୦ ପର୍ଯ୍ୟନ୍ତ ଚାଲିବ। ଏଥିରେ ଜିଲା ଶିକ୍ଷାଧିକାରୀ ବିନିତା ସେନାପତି ଅଧ୍ୟକ୍ଷତା କରିଥିଲେ। ଏଥିରେ ଅତିଥି ଭାବେ ଜିଲା କ୍ରୀଡ଼ା ଶିକ୍ଷାଧିକାରୀ ଭାଗୀରଥି ସ୍ୱାଇଁ, ଜିଲା ରେଡ୍‌କ୍ରସ ସମ୍ପାଦକ ତଥା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ, ରଙ୍ଗେଇଲୁଣ୍ଡା ବିଇଓ ପ୍ରଭାତୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲାର ବିଭିନ୍ନ ବ୍ଲକରୁ ୩୦ ଜଣ ଜେଆରସି ପରାମର୍ଶଦାତା ଉପସ୍ଥିତ ରହି ତାଲିମ ନେଇଥିଲେ। ଅତିଥିମାନେ ରେଡ୍‌କ୍ରସ୍‌ର ଇତିହାସ, ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ।

## ଆଶା, ଗାଁ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ

ବ୍ରହ୍ମପୁର ଅଫିସ,୨୮।୩



ସମ୍ମିଳନୀରେ ମଞ୍ଚାସୀନ ଅତିଥି।

ବ୍ରହ୍ମପୁର ଡାଇମଣ୍ଡ ଜୁବୁଲି ଟାଉନ ହଲ୍ ସମ୍ମିଳନୀ କକ୍ଷରେ ସୋମବାର ଆଶା ଓ ଗାଁ କଲ୍ୟାଣ ସମିତିର ବାର୍ଷିକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସାମ୍ପ୍ରତିକ ସମୟରେ ଗ୍ରାମାଞ୍ଚଳଠାରୁ ଆରମ୍ଭକରି ସହରାଞ୍ଚଳ ପର୍ଯ୍ୟନ୍ତ ଘରେ ଘରେ ସ୍ୱାସ୍ଥ୍ୟସେବା ଯୋଗାଇବାରେ ଗୋଷ୍ଠୀ ସହଭାଗିତା ନିତାନ୍ତ ଜରୁରୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଫଳରେ ସ୍ୱାସ୍ଥ୍ୟସେବାରେ ଉନ୍ନତି ଘଟିବ ବୋଲି ସେ କହିଛନ୍ତି। ଅତିଥିମାନଙ୍କ ଦ୍ୱାରା ଆସିକା ବ୍ଲକ ଜୟପୁର ପଞ୍ଚାୟତ, ବେଲଗୁଣ୍ଠା ବ୍ଲକ ଆମ୍ବପୁଆ, ପୋଲସରାର ଜକର, ପୁରୁଷୋତ୍ତମପୁରର ଷୋଳଘର ଓ ସୋରଡ଼ା ବ୍ଲକ ସରାବାଡ଼ିକୁ ମିଶାଇ ମୋଟ ୬ ପଞ୍ଚାୟତକୁ ଆଦର୍ଶ ଗ୍ରାମ ପଞ୍ଚାୟତ ଭାବେ ପୁରସ୍କୃତ କରାଯାଇଥିଲା। ସେହିପରି ୨୨ ଆଶାକର୍ମୀ ତଥା ଆସିକା ବ୍ଲକର ବନୀତା ପ୍ରଧାନ, ବେଗୁନିଆପଡ଼ା ବ୍ଲକ ସୁକାନ୍ତିଶବର, ଛତ୍ରପୁରର ଏସ୍. ମହାଲକ୍ଷ୍ମୀ, ବେଲଗୁଣ୍ଠାର ବିଳାସିନୀ ଗୁରୁ, ପାତ୍ରପୁରର କନକ ପ୍ରଧାନ, ପୁରୁଷୋତ୍ତମପୁରର ଭାଗ୍ୟଲତା ସେଠୀ, ସୋରଡ଼ାର ସନ୍ତୋଷିନୀ ବେହେରା, ରଙ୍ଗେଇଲୁଣ୍ଡାର ମମତା ମହାନ୍ତି, କୁକୁଡ଼ାଖଣ୍ଡିର ରୁନୁ ପଣ୍ଡା, ଗଞ୍ଜାମର ଶିବପ୍ରିୟା ନାୟକ, ବୁଗୁଡ଼ାର ସଫଳା ପାତ୍ର, ଖଲ୍ଲିକୋଟର ପାର୍ବତୀ ତରାଇ, ଭଞ୍ଜନଗରର ବାସନ୍ତୀ ପାତ୍ର, ହିଞ୍ଜିଳିର ଲକ୍ଷ୍ମୀ ସାହୁ, କବିସୂର୍ଯ୍ୟନଗରର ମଞ୍ଜୁଲତା ବେହେରା, ଧରାକୋଟର ରୀନା ସ୍ୱାଇଁ, ଶେରଗଡ଼ର ସବିତା ପାଢ଼ୀ, ପୋଲସରାର ଲକ୍ଷ୍ମୀ ଦଳାଇ, ଚିକିଟିର ଜୟାଲକ୍ଷ୍ମୀ, ସାନଖେମୁଣ୍ଡିର ରଶ୍ମିତା ଜେନା, ଜଗନ୍ନାଥପ୍ରସାଦର ଅନିତା ନାୟକ ଓ ଦିଗପହଣ୍ଡିର ସରସ୍ୱତୀ ପ୍ରଧାନଙ୍କୁ ଶ୍ରେଷ୍ଠ ଆଶା ଭାବେ ସମ୍ମାନିତ କରାଯାଇଥିଲା। ସେହିପରି ଜିଲାର ୨୨ ଗାଁ କଲ୍ୟାଣ ସମିତିକୁ ମଧ୍ୟ ଶ୍ରେଷ୍ଠ ସମ୍ମାନ ଦିଆଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଉମାଶଙ୍କର ମିଶ୍ର, ଡିପିଏମ୍ ଶ୍ୟାମସୁନ୍ଦର ତ୍ରିପାଠୀ, ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଭି.ସରୋଜିନୀ ଦେବୀ, ଆଶା ଓ ଗାଁ କଲ୍ୟାଣ ସମିତି ସଂଯୋଜକ ଆଶିଷ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

